ପ୍ରମେୟ
THE PRAMEYA

### ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

# 'ପୁରୁଣା ଶିକ୍ଷା ପ୍ରଣାଳୀରେ ପରିବର୍ତ୍ତନ ଜରୁରୀ'



ସମ୍ବଲପୁର, ୧୦।୬(ବ୍ୟୁରୋ): ବର୍ତ୍ତମାନ ଡିଜିଟାଲ୍ ଯୁଗ। ନୂତନ ଜ୍ଞାନ କୌଶଳ ସହ ତାଳ ଦେଇ ଆମ ଛାତ୍ରଛାତ୍ରୀ ସାଇବର୍ ବିଦ୍ୟାର୍ଥୀ ଭାବେ ପରିଣତ ହୋଇଛନ୍ତି। ହେଲେ ଆଜି ଦେଶରେ ବ୍ରିଟିଶ ଅମଳର ସେହି ୧୭୫୦ ମସିହାର ଶିକ୍ଷା ପ୍ରଣାଳୀ ଅନୁସାରେ ଶିକ୍ଷାଦାନ କରାଯାଉଛି। ଛାତ୍ରଛାତ୍ରୀ ସେହି ପୁରୁଣା ଶୈଳୀକୁ ପସନ୍ଦ କରୁନଥିବା ବେଳେ ଛାତ୍ରୀଛାତ୍ରୀଙ୍କ ଟ୍ୟାଲେଣ୍ଟ ପରଖିବାରେ ଅସୁବିଧା ହେଉଛି। ତେଣୁ ଡିଜିଟାଲ୍ ଯୁଗରେ ସବୁ କିଛି ଡିଜିଟାଲ ହେବା ଦରକାର। ପୁରୁଣା ଶିକ୍ଷାଦାନ ଶୈଳୀରେ ପରିବର୍ତ୍ତନ କରାଯାଇ ନୂଆ ଶିକ୍ଷାଦାନର ନୂଆ ନୂଆ ପ୍ରଣାଳୀ ସୃଷ୍ଟି କରିବା ଦରକାର ବୋଲି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟା (ଇଗ୍ନୋ)ର କୁଳପତି ପ୍ରଫେସର ରବିନ୍ଦ୍ର କୁମାର ପ୍ରକାଶ କରିଛନ୍ତି। ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ପ୍ରଫେସର କୁମାର କହିଛନ୍ତି, ପୂର୍ବରୁ ଗୁରୁକୁଳ ପରମ୍ପରା ଅନୁସାରେ ଗୁରୁ ଯାହା ପଢାଉଥିଲେ ଶିଷ୍ୟ ତାକୁ ଗ୍ରହଣ କରିବାକୁ ବାଧ୍ୟ ହେଉଥିଲେ। ହେଲେ ବର୍ତ୍ତମାନର ଛାତ୍ରଛାତ୍ରୀ ସେହି ପୁରୁଣା ଷ୍ଟାଇଲରେ ଶିକ୍ଷା ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଆଜିକାର ଛାତ୍ରଛାତ୍ରୀ ବିଜ୍ଞାନ ଓ ଗଣିତ ସାଙ୍ଗକୁ ରାଜନୀତି ବିଜ୍ଞାନ ଏବଂ ଭୂଗୋଳ ଆଦି ସବୁ କିଛି ପଢିବାକୁ ଚାହୁଁଛନ୍ତି। ତାହାପୁଣି ଡିଜିଟାଲ୍ ମାଧ୍ୟମରେ। ହେଲେ ଏଭଳି ସୁଯୋଗ ଛାତ୍ରଛାତ୍ରୀଙ୍କୁ ପାରମ୍ପାରିକ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ମିଳିପାରୁନି। ପାରମ୍ପାରିକ ଶିକ୍ଷାନୁଷ୍ଠାନ ଗୁଡ଼ିକ ଠାରୁ ଆଉ ପାଦେ ଆଗକୁ ଯାଇ ଦେଶର ମୁକ୍ତ ବିଶ୍ୱବିଦ୍ୟାଳୟ ଗୁଡ଼ିକ ନିଜର ସମୁଚିତ ପାଠ୍ୟକ୍ରମକୁ ବିଭିନ୍ନ ଭାଗରେ ବିଭକ୍ତ କରିଛନ୍ତି। ଏହାକୁ ୱେବ୍‌ସାଇଟ୍‌ରେ ଉପଲବ୍ଧ କରି ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଯାଉଛି। ଛାତ୍ରଛାତ୍ରୀ ନିଜ ରୁଚି ଅନୁସାରେ ଶିକ୍ଷା ଗ୍ରହଣ କରିପାରୁଛନ୍ତି ବୋଲି ପ୍ରଫେସର କୁମାର କହିଛନ୍ତି।

ସିଇଏମ୍‌ସିଏ ନିର୍ଦ୍ଦେଶକ ଡ. ସାହିଦ୍ ରସୁଲ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ, ଆମ ଶିକ୍ଷା ବ୍ୟବସ୍ଥାରେ ଅନେକ ତ୍ରୁଟି ରହିଛି। ଯେଉଁଥିପାଇଁ ପ୍ରତିବର୍ଷ ବହୁ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡୁଛନ୍ତି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅନୁପାତରେ ମଧ୍ୟ ତାରତମ୍ୟ ରହୁଛି। ଦେଶରେ ହଜାର ହଜାର ଶିକ୍ଷାନୁଷ୍ଠାନ ଥିଲେ ମଧ୍ୟ ଖୁବ୍ କମ୍ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ହେଲା ପରି ଶିକ୍ଷାଦାନ କରାଯାଉଛି। ସେହିପରି ଦେଶର ଖୁବ୍ କମ୍ ଛାତ୍ରଛାତ୍ରୀ ଆଇଆଇଟି, ଏନ୍‌ଆଇଟି ଓ ଆଇଆଇଏମ୍ ପରି ଅନୁଷ୍ଠାନରେ ପାଠ ପଢିବାର ସୁଯୋଗ ପାଉଛନ୍ତି। ଯଦି ଦେଶର ସବୁ ସ୍ଥାନରେ ସବୁ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନର ବ୍ୟବସ୍ଥା କରାଗଲେ ଯୁବଶକ୍ତି ଲାଭବାନ ହୋଇପାରନ୍ତେ ବୋଲି ଡ. ରସୁଲ ପ୍ରକାଶ କରିଛନ୍ତି।

ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଡ. ଶ୍ରୀକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥ ଓ ସ୍ଥାନୀୟ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିଲେ। କୁଳସଚିବ ଡ. ଜୟନ୍ତ କର ଶର୍ମା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜ୍ୟୋତି ପ୍ରକାଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଲୋକାର୍ପଣ ହେଲା ଇ-ଜ୍ଞାନାଗାର ଓ ମୋବାଇଲ୍ ଆପ୍
## ଇଗ୍ନୋ-ଓଏସ୍‌ଓୟୁ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

ସମ୍ବଲପୁର, ୧୦।୬(ବ୍ୟୁରୋ): ଛାତ୍ରଛାତ୍ରୀଙ୍କ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଜଣାଇବା ଏବଂ ଏଠାରେ ଦିଆଯାଉଥିବା ପାଠ୍ୟକ୍ରମର ପାଠ୍ୟ ସାମଗ୍ରୀକୁ ଅନ୍‌ଲାଇନ୍‌ରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆଜି ଦ୍ୱିତୀୟ ପ୍ରତିଷ୍ଠା ଦିବସ ଅବସରରେ ଓଏସ୍‌ଓୟୁର ମୋବାଇଲ୍ ଆପ୍ ଓ ଇ-ଜ୍ଞାନାଗାରକୁ ଲୋକାର୍ପଣ କରାଯାଇଛି। ମୁଖ୍ୟ ଅତିଥି ପ୍ରଫେସର ରବିନ୍ଦ୍ର କୁମାର ଇ-ଜ୍ଞାନାଗାରକୁ ଲୋକାର୍ପଣ କରିଥିବା ବେଳେ ଡ. ସାହିଦ୍ ରସୁଲ୍ ମୋବାଇଲ୍ ଆପ୍‌କୁ ଲୋକାର୍ପଣ କରିଛନ୍ତି। ସେହିପରି ଓଏସ୍‌ଓୟୁ ଓ ଇଗ୍ନୋ ମଧ୍ୟରେ ମ୍ୟୁଚୁଆଲ ଏକ୍ସଚେଞ୍ଜ ଅଫ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ପାଇଁ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ଓଏସ୍‌ଓୟୁ ଓ ଇଗ୍ନୋ ମଧ୍ୟରେ ପାଠ୍ୟ ସାମଗ୍ରୀର ଆଦାନ ପ୍ରଦାନ ହେବ। ସେହିପରି ମୋବାଇଲ୍ ଆପ୍ ମାଧ୍ୟରେ ଲୋକେ ଓଏସ୍‌ଓୟୁରେ ଦିଆଯାଉଥିବା ପାଠ୍ୟକ୍ରମ, ପରୀକ୍ଷା ଫଳ ଅନ୍ୟାନ୍ୟ ସୂଚନା ପାଇପାରିବେ। ଇ-ଜ୍ଞାନାଗାରରୁ ଛାତ୍ରଛାତ୍ରୀ ପାଠ୍ୟୋପକରଣ ପାଇପାରିବେ ବୋଲି କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର କହିଛନ୍ତି।